# ପାଠ-୧୮ ଓଜନ ଓ ପରିମାଣ ଜାଣିବା

ଜନ୍ମଦିନରେ ଲୁନା ତା'ର ସାଙ୍ଗମାନଙ୍କୁ ଭୋଜି ଖାଇବାକୁ ଡାକିଛି । ଭୋଜିରେ କ୍ଷୀରି ନିହାତି ହେବା ଦରକାର । ମା' ଲୁନାକୁ ଟଙ୍କା ଓ ଚିଠା ଦେଇ କହିଲେ- 'କ୍ଷୀରି ପାଇଁ ଜିନିଷ ନେଇ ଆସିବୁ ।' ଲୁନା ବଜାରକୁ ଗଲା । ମା'ଙ୍କ ଚିଠା ଅନୁସାରେ ଅରୁଆ ଚାଉଳ ୫୦୦ ଗ୍ରାମ୍, କ୍ଷୀର ୨ ଲିଟର, ଚିନି ୧ କିଲୋଗ୍ରାମ୍ ୫୦୦ ଗ୍ରାମ୍, କିସ୍‌ମିସ୍ ୧୦୦ ଗ୍ରାମ୍, କାଜୁ ୧୦୦ ଗ୍ରାମ୍ ଓ ଗୁଜୁରାତି ୧୦ ଗ୍ରାମ୍ କିଣି ଦୋକାନୀକୁ ହିସାବ କରି ପଇସା ଦେଲା । ଲୁନା ଜିନିଷ ଆଣି ବାଟରେ ଭାବିଲା, ବୋଧ ହୁଏ ଯେଉଁ ଜିନିଷ ବେଶି ଦରକାର ତାହା କିଲୋଗ୍ରାମ୍‌ରେ ଓଜନ ହେଉଛି ଓ ଯାହା କମ୍ ଦରକାର ତାହା ଗ୍ରାମ୍‌ରେ ଓଜନ ହେଉଛି ।

ତୁମ ଘର ପାଇଁ ସଉଦା ଅଣାହେବା ବେଳେ କେଉଁ କେଉଁ ଜିନିଷ ସବୁ ଏକ କିଲୋଗ୍ରାମରୁ ଅଧିକ ଓଜନର ଜିନିଷ ଆସିଥାଏ ଓ କେଉଁ ଜିନିଷ ସବୁ ଏକ କିଲୋଗ୍ରାମରୁ କମ୍ ଓଜନର ଆସିଥାଏ ବୁଝି ଲେଖ ।

---

ଅଫିସ୍‌ରୁ ଫେରିବା ବେଳେ ଲୁନାର ବାପା ବାଟରୁ କିଛି ସଉଦା ଆଣିଥିଲେ, ଯଥା – ୨ କିଲୋଗ୍ରାମ ଆଳୁ, ୧ କିଲୋଗ୍ରାମ ଓଜନର ବାଇଗଣ, ୫୦୦ ଗ୍ରାମ୍ ଓଜନର ବିଲାତି ବାଇଗଣ, ଅଦା ୧୦୦ ଗ୍ରାମ୍ ଓ ରସୁଣ ୫୦ ଗ୍ରାମ୍ । ତାଲିକାଟା ଲୁନା ହାତକୁ ବଢ଼ାଇଦେଇ ବାପା ଲୁନାକୁ ପଚାରିଲେ, "ମୁଁ କେତେ ଓଜନର ଜିନିଷ ଆଣିଛି କହିଲୁ ?"

ଲୁନା ତଳେ ଦିଆଯାଇଥିବା ସାରଣୀ ତିଆରି କଲା-

| ଜିନିଷର ନାମ | କିଲୋଗ୍ରାମ୍ | ଗ୍ରାମ୍ |
|---|---|---|
| ଆଳୁ | ୨ | |
| ବାଇଗଣ | ୧ | |
| ବିଲାତିବାଇଗଣ | | ୫୦୦ |
| ଅଦା | | ୧୦୦ |
| ରସୁଣ | | ୫୦ |
| ମୋଟ୍ | ୩ | ୬୫୦ |

୧କି.ଗ୍ରା. ର ଅର୍ଥ ୧୦୦୦ ଗ୍ରାମ,ଏହାକୁ ମଧ୍ୟ ୧ କି.ଗ୍ରା. ୦୦୦ ଗ୍ରା. ଭାବେ ଲେଖାଯାଇ ପାରିବ ।

ଲୁନା ହିସାବ କରି କହିଲା- ବାପା, ଆପଣ ୩ କିଲୋଗ୍ରାମ୍ ୬୫୦ ଗ୍ରାମ୍ ଓଜନର ଜିନିଷ ଆଣିଛନ୍ତି ।

ମାଛବିକାଳି ଦୁଆରେ ଆସି ଡାକିଲା । ଲୁନାର ମା' ତାକୁ କହିଲେ "କିଲେ ମାଛ ଦିଅ" । ମାଛ ବିକାଳି ନିକିତିରେ ଗୋଟିଏ ପାଖ ପଲାରେ ୧ କି.ଗ୍ରା. ଓଜନର ବଟକରା ପକାଇଲା ଓ ଗୋଟିଏ ଗୋଟିଏ ମାଛ ନେଇ ନିକିତିର ଅନ୍ୟ ପଲାରେ ପକାଇ ଓଜନ କଲା । ଠିକ୍ ୧ କିଲୋଗ୍ରାମ୍ ଓଜନର ମାଛ ଲୁନାର ମା'ଙ୍କୁ ଦେଲା ।

ଲୁନା ମନେ ପକାଇଲା -

୧ କିଲୋଗ୍ରାମ୍ = ୧୦୦୦ ଗ୍ରାମ୍

☞ ଆସ, ଶୂନ୍ୟସ୍ଥାନ ପୂରଣ କରି ଦିଆଯାଇଥିବା ଓଜନକୁ କେବଳ ଗ୍ରାମ୍‌ରେ ଲେଖିବା ।

୧ କି.ଗ୍ରା. = ୧୦୦୦ ଗ୍ରା. ୨ କି.ଗ୍ରା = ୨୦୦୦ ଗ୍ରା.

୩ କି.ଗ୍ରା. = _______ ଗ୍ରା. ୪ କି.ଗ୍ରା. = _______ ଗ୍ରା.

୫ କି.ଗ୍ରା. = _______ ଗ୍ରା. ୭ କି.ଗ୍ରା. = _______ ଗ୍ରା.

୮ କି.ଗ୍ରା. ୩୦୦ ଗ୍ରା. = ୮୦୦୦ ଗ୍ରା. + ୩୦୦ ଗ୍ରା. = ୮୩୦୦ ଗ୍ରା.

୨ କି.ଗ୍ରା. ୨୫୦ ଗ୍ରା. = _______ ଗ୍ରା. + _______ ଗ୍ରା. = _______ ଗ୍ରା.

୪ କି.ଗ୍ରା. ୧୦୦ ଗ୍ରା. = _______ ଗ୍ରା. + _______ ଗ୍ରା. = _______ ଗ୍ରା.

୩ କି.ଗ୍ରା. ୪୫୦ ଗ୍ରା. = _______ ଗ୍ରା. + _______ ଗ୍ରା. = _______ ଗ୍ରା.

ଆସ, ଗ୍ରାମ୍‌ରେ ଦିଆଯାଇଥିବା ପରିମାଣକୁ କି.ଗ୍ରା. ଓ ଗ୍ରାମ୍‌ରେ କିପରି ପ୍ରକାଶ କରାଯାଏ ଜାଣିବା । ତଳେ ଦିଆଯାଇଥିବା ଉଦାହରଣକୁ ଲକ୍ଷ୍ୟ କର ।

୫୬୩୫ ଗ୍ରା. = ୫୦୦୦ ଗ୍ରା. + ୬୩୫ ଗ୍ରା.

= ୫ କି.ଗ୍ରା + ୬୩୫ ଗ୍ରା.

= ୫ କି.ଗ୍ରା. ୬୩୫ ଗ୍ରା. ।

☞ ସେହିପରି ନିଜେ କର ।

୮୯୨୧ ଗ୍ରା. = _______ ଗ୍ରା. + _______ ଗ୍ରା.

= _______ କି.ଗ୍ରା. + _______ ଗ୍ରା.

= _______ କି.ଗ୍ରା. _______ ଗ୍ରା.

୩୬୪୭ ଗ୍ରା. = _______ ଗ୍ରା. + _______ ଗ୍ରା.

= _______ କି.ଗ୍ରା. + _______ ଗ୍ରା.

= _______ କି.ଗ୍ରା. _______ ଗ୍ରା.

● ଆସ, ଉଦାହରଣ ଦେଖି ସମାଧାନ କରିବା ।

**ଉଦାହରଣ - ୧ :** ଯୋଗଫଳ ନିର୍ଣ୍ଣୟ କର ।

(କ)
```
   ୬ କି.ଗ୍ରା.  ୩୦୦ ଗ୍ରା.
 + ୨ କି.ଗ୍ରା.  ୨୮୫ ଗ୍ରା.
 ----------------------
   ୮ କି.ଗ୍ରା.  ୫୮୫ ଗ୍ରା.
```

(ଖ)
```
   ୫ କି.ଗ୍ରା.  ୭୪୫ ଗ୍ରା.
 + ୪ କି.ଗ୍ରା.  ୫୨୦ ଗ୍ରା.
 ----------------------
   ୯ କି.ଗ୍ରା. ୧୨୬୫ ଗ୍ରା.
```

= ୯ କି.ଗ୍ରା. + ୧୦୦୦ ଗ୍ରା. + ୨୬୫ ଗ୍ରା.

= ୯ କି.ଗ୍ରା. + ୧ କି.ଗ୍ରା. + ୨୬୫ ଗ୍ରା.

= ୧୦ କି.ଗ୍ରା. ୨୬୫ ଗ୍ରା.

**ଉଦାହରଣ - ୨ :** ବିୟୋଗଫଳ ନିର୍ଣ୍ଣୟ କର ।

```
   ୮ କି.ଗ୍ରା. ୨୫୦ ଗ୍ରା. =  ୮୨୫୦ ଗ୍ରା.
 - ୩ କି.ଗ୍ରା. ୫୪୦ ଗ୍ରା. =  ୩୫୪୦ ଗ୍ରା.
 ------------------------------------
                         ୪୭୧୦ ଗ୍ରା. = ୪ କି.ଗ୍ରା. ୭୧୦ ଗ୍ରା.
```

## ଅଭ୍ୟାସ କାର୍ଯ୍ୟ

୧. କେତେକ ଜିନିଷର ଓଜନକୁ କି.ଗ୍ରା. ଓ ଗ୍ରା.ରେ ଲେଖାଯାଇଛି । ସେଗୁଡ଼ିକୁ କେବଳ ଗ୍ରାମ୍ ଏକକରେ ପ୍ରକାଶ କର ।

ଯେପରି ୫ କି.ଗ୍ରା. ୭୦୦ ଗ୍ରା. = ୫୭୦୦ ଗ୍ରାମ୍

୪ କି.ଗ୍ରା. ୬୬୩ ଗ୍ରା. = ______

୨ କି.ଗ୍ରା. ୨୦ ଗ୍ରା. = ______

୭ କି.ଗ୍ରା. ୫ ଗ୍ରା. = ______

୮ କି.ଗ୍ରା ୩୭୦ ଗ୍ରା. = ______

୨ କି.ଗ୍ରା. ୧୫ ଗ୍ରା. = ______

୨. ଉଦାହରଣ ଦେଖି ଲେଖ ।

ଯେପରି ୮୦୨୩ ଗ୍ରାମ୍ = ୮୦୦୦ ଗ୍ରାମ୍ + ୨୩ ଗ୍ରାମ୍ = ୮ କି.ଗ୍ରା. ୨୩ ଗ୍ରାମ୍

୩୫୫୦ ଗ୍ରାମ୍ = [ ] ଗ୍ରାମ୍ + [ ] ଗ୍ରାମ୍ = [ ] କି.ଗ୍ରା. [ ] ଗ୍ରାମ୍

୪୩୦୫ ଗ୍ରାମ୍ = [ ] ଗ୍ରାମ୍ + [ ] ଗ୍ରାମ୍ = [ ] କି.ଗ୍ରା. [ ] ଗ୍ରାମ୍

୧୦୦୮ ଗ୍ରାମ୍ = [ ] ଗ୍ରାମ୍ + [ ] ଗ୍ରାମ୍ = [ ] କି.ଗ୍ରା. [ ] ଗ୍ରାମ୍

୫୯୮୦ ଗ୍ରାମ୍ = [ ] ଗ୍ରାମ୍ + [ ] ଗ୍ରାମ୍ = [ ] କି.ଗ୍ରା. [ ] ଗ୍ରାମ୍

୨୫୫୫ ଗ୍ରାମ୍ = [ ] ଗ୍ରାମ୍ + [ ] ଗ୍ରାମ୍ = [ ] କି.ଗ୍ରା. [ ] ଗ୍ରାମ୍

୩. 'କ' ସ୍ତମ୍ଭ ଓ 'ଖ' ସ୍ତମ୍ଭରେ ଥିବା ସମାନ ଓଜନ ପରିମାଣକୁ ତୀର ଚିହ୍ନ ଦେଇ ଦେଖାଅ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୨ କି.ଗ୍ରା. ୨୦ ଗ୍ରା. | ୯୩୬୦ ଗ୍ରା. |
| ୮ କି.ଗ୍ରା. ୩୦୦ ଗ୍ରା. | ୬୦୨୫ ଗ୍ରା. |
| ୭ କି.ଗ୍ରା. ୫୦ ଗ୍ରା. | ୨୦୨୦ ଗ୍ରା. |
| ୯ କି.ଗ୍ରା. ୩୬୦ ଗ୍ରା. | ୮୩୦୦ ଗ୍ରା. |
| ୬ କି.ଗ୍ରା. ୨୫ ଗ୍ରା. | ୪୨୨୦ ଗ୍ରା. |
| ୪ କି.ଗ୍ରା. ୨୨୦ ଗ୍ରା. | ୭୦୫୦ ଗ୍ରା. |

୪. ଖାଲି କୋଠରିରେ ଉତ୍ତର ଲେଖ ।

(କ)
   ୪ କି.ଗ୍ରା. ୫୦୦ ଗ୍ରା.
+ ୩ କି.ଗ୍ରା. ୫୦୦ ଗ୍ରା.
= [ ] କି.ଗ୍ରା. [ ] ଗ୍ରା.= [ ] କି.ଗ୍ରା.

(ଖ)
   ୧୫ କି.ଗ୍ରା. ୯୫୦ ଗ୍ରା.
+ ୭ କି.ଗ୍ରା. ୭୫ ଗ୍ରା.
= [ ] କି.ଗ୍ରା. [ ] ଗ୍ରା.
= [ ] କି.ଗ୍ରା. + [ ] ଗ୍ରା. + [ ] ଗ୍ରାମ୍
= [ ] କି.ଗ୍ରା. + [ ] ଗ୍ରା.

୫. ଗୋଟିଏ ଛାତ୍ରାବାସ ପାଇଁ ଦିନେ ୨୫ କି.ଗ୍ରା. ଚାଉଳ, ୧୦ କି.ଗ୍ରା. ଡାଲି, ୧୮ କି.ଗ୍ରା. ଓଜନର ପରିବା କିଣାଗଲା। ସବୁ ଜିନିଷଗୁଡ଼ିକୁ ଭାରୁଆ ଆଣିଲା । ତେବେ, ଭାରୁଆଟି ମୋଟ୍ କେତେ ଓଜନର ଜିନିଷ ଆଣିଲା ?

ଚାଉଳର ଓଜନ = ______ କି.ଗ୍ରା.

ଡାଲିର ଓଜନ = ______ କି.ଗ୍ରା.

ପରିବାର ଓଜନ = ______ କି.ଗ୍ରା.

---

ମୋଟ ଓଜନ = ________ କି.ଗ୍ରା.

୬. ଠିକ୍ ଉତ୍ତର ଲେଖାଥିବା ପାଖ କୋଠରିରେ (✓) ଚିହ୍ନ ଓ ଭୁଲ ଉତ୍ତର ଲେଖାଥିବା ପାଖ କୋଠରିରେ (✗) ଚିହ୍ନ ଦିଅ।

(କ) ୫ କି.ଗ୍ରା. ୫ ଗ୍ରା. + ୮ କି.ଗ୍ରା ୩୨୦ ଗ୍ରା. = ୧୩ କି.ଗ୍ରା. ୮୨୦ ଗ୍ରା. ☐

(ଖ) ୨ କି.ଗ୍ରା. ୨୦ ଗ୍ରା. + ୩ କି.ଗ୍ରା ୬୨୫ ଗ୍ରା. = ୫ କି.ଗ୍ରା. ୬୪୫ ଗ୍ରା. ☐

(ଗ) ୬ କି.ଗ୍ରା. ୩୦୦ ଗ୍ରା. + ୪ କି.ଗ୍ରା. ୨୫୦ ଗ୍ରା. = ୧୧ କି.ଗ୍ରା. ୫୫୦ ଗ୍ରା. ☐

୭. ରାମବାବୁ ପାରାଙ୍କୁ ଖାଦ୍ୟ ଦେବା ପାଇଁ ୨୫୦ ଗ୍ରା. ଓଜନର ସୋରିଷ, ୫୦୦ ଗ୍ରାମ୍ ଓଜନର ମୁଗ ଏବଂ ୨ କି.ଗ୍ରା. ଓଜନର ଚାଉଳ କିଣିଲେ । ସେ ମୋଟ୍‌ରେ କେତେ ଓଜନର ଶସ୍ୟ କିଣିଲେ ?

୮. ଗୋଟିଏ ଅଟା ପ୍ୟାକେଟ୍‌ରେ ୫ କି.ଗ୍ରା. ଅଟା ଅଛି । ତୁମ ମା’ ତୁମ ଘର ପାଇଁ ୧ କି.ଗ୍ରା. ୨୫୦ ଗ୍ରା. ଅଟା ନେଇ ରୁଟି ତିଆରି କଲେ । ପ୍ୟାକେଟ୍‌ରେ ଆଉ କେତେ ଅଟା ରହିଲା ?


୯. ମାମୁନୀ ତେଜରାତି ଦୋକାନରୁ ୧୩ କି.ଗ୍ରା. ୫୦୦ ଗ୍ରାମ୍ ଅଟା, ୧୫ କି.ଗ୍ରା. ୭୫୦ ଗ୍ରାମ୍ ଚାଉଳ ଓ ୪ କି.ଗ୍ରା. ୪୫୦ ଗ୍ରାମ୍ ଡାଲି କିଣିଲା । ତେବେ ମାମୁନୀ କିଣିଥିବା ଜିନିଷର ମୋଟ୍ ଓଜନ କେତେ ?

୧୦. ରାମର ଓଜନ ହରିର ଓଜନ ଠାରୁ ୫ କି.ଗ୍ରା ୩୦୦ ଗ୍ରାମ୍ ଅଧିକ । ହରିର ଓଜନ ୪୨ କି.ଗ୍ରା ୮୦୦ ଗ୍ରାମ୍ ହେଲେ, ଦୁଇଜଣଙ୍କର ମୋଟ୍ ଓଜନ କେତେ ?

୧୧. ସୀତାର ଓଜନ ଗୋପାଳର ଓଜନ ଠାରୁ ୨ କି.ଗ୍ରା. ୭୫୦ ଗ୍ରାମ୍ କମ୍ । ଗୋପାଳର ଓଜନ ୩୯ କି.ଗ୍ରା ୪୦୦ ଗ୍ରାମ୍ ହେଲେ, ଉଭୟଙ୍କର ମୋଟ୍ ଓଜନ କେତେ ?

# ଧାରକତ୍ୱ ମାପ

ସୀତା ୨୫୦ ମିଲି ଲିଟରର ଗୋଟିଏ ଖାଲି ନଡ଼ିଆ ତେଲ ବୋତଲ ନେଇ କିପରି ଗୋଟିଏ ବଡ଼ ମାପ ବୋତଲ ତିଆରି କରିଥିବ ତୁମ ସାଙ୍ଗମାନଙ୍କ ସହ ଆଲୋଚନା କର । ଏହି ମାପ ବୋତଲକୁ ନେଇ କେତେ ପରିମାଣର ତରଳ ପଦାର୍ଥ ମାପି ପାରିବ ଲେଖ ଓ ତୁମ ସାଙ୍ଗକୁ କହ ଓ ଲେଖ ।




______________________________

ତୁମେ ଗୋଟିଏ ମାପ ବୋତଲ ତିଆରି କର, ଯେଉଁଥିରେ ୨୦୦ ମି.ଲି., ୪୦୦ ମି.ଲି., ୫୦୦ ମି.ଲି., ୮୦୦ ମି.ଲି. ଓ ୧ ଲିଟର ତେଲ ମାପି ପାରିବ ।

☞ ତୁମେ ଘରେ ପାଣି ରହୁଥିବା ୫ ଟି ପାତ୍ର ନିଅ । ପ୍ରତି ପାତ୍ରରେ କେତେ ପାଣି ଧରୁଛି ପ୍ରଥମେ ଅନୁମାନ କରି ଓ ପରେ ତୁମେ ତିଆରି କରିଥିବା ମାପ ବୋତଲରେ ମାପି ତଳ ସାରଣୀ ପୂରଣ କର ।

| ପାତ୍ରର ନାମ | ଆନୁମାନିକ ମାପ | ପ୍ରକୃତ ମାପ |
|---|---|---|
| ବାଲ୍‌ଟି | | |
| | | |
| | | |
| | | |
| | | |
| | | |

ଆମେ ଜାଣିଲେ ଯେ,ତରଳ ପଦାର୍ଥ ମାପର ଏକକ ହେଉଛି ଲିଟର ଓ ମିଲିଲିଟର ।

| | | |
|---|---|---|
| ୧ ଲିଟର | = | ୧୦୦୦ ମିଲିଲିଟର |
| ୨ ଲିଟର | = | ୨୦୦୦ ମିଲିଲିଟର |
| ୩ ଲିଟର | = | ୩୦୦୦ ମିଲିଲିଟର |

- ଲିଟରକୁ ମିଲିଲିଟରରେ ପ୍ରକାଶ କଲାବେଳେ କ'ଣ କରାଯାଏ ଲକ୍ଷ୍ୟ କର ।

୫ ଲିଟର = ୫ × ୧୦୦୦ ମି.ଲି. = ୫୦୦୦ ମି.ଲି.

☞ ଶୂନ୍ୟସ୍ଥାନ ପୂରଣ କର । ଯେପରି,

| | | | | | |
|---|---|---|---|---|---|
| ୪ ଲି. ୬୫୦ ମି.ଲି. | = | ୪ × ୧୦୦୦ ମି.ଲି. | + ୬୫୦ ମି.ଲି. | = | ୪୬୫୦ ମି.ଲି. |
| ୭ ଲି. ୩୨୦ ମି.ଲି. | = | _____ × ୧୦୦୦ ମି.ଲି. | + ୩୨୦ ମି.ଲି. | = | ____ __ମି.ଲି. |
| ୮ ଲି. ୨୫ ମି.ଲି. | = | __________ ମି.ଲି. | + _______ ମି.ଲି. | = | ____ ___ମି.ଲି. |
| ୬ ଲି. ୧୧୫ ମି.ଲି. | = | __________ ମି.ଲି. | + _______ ମି.ଲି. | = | ______ମି.ଲି. |
| __________ | = | ୩ × ୧୦୦୦ ମି.ଲି. | + ୪୨୫ ମି.ଲି. | = | ______ମି.ଲି. |

• ମିଲିଲିଟରରେ ଥିବା ମାପକୁ ଲିଟର ଓ ମିଲିଲିଟରରେ ଲେଖ ।

| | | | | | |
|---|---|---|---|---|---|
| ୩୦୦୦ ମି.ଲି. | = | ୩ ଲି. | | | |
| ୧୨୫୦ ମି.ଲି. | = | ୧୦୦୦ ମି.ଲି. | + ୨୫୦ ମି.ଲି. | = | ୧ ଲି. ୨୫୦ ମି.ଲି. |
| ୨୪୫୦ ମି.ଲି. | = | ______ମି.ଲି. | + ୪୫୦ ମି.ଲି. | = | ______ଲି.______ମି.ଲି. |
| ୪୬୭୫ ମି.ଲି. | = | ______ମି.ଲି. | + _______ମି.ଲି. | = | ______ଲି. ______ମି.ଲି. |
| ______ | = | ୫୦୦୦ ମି.ଲି. | + ୩୨୫ ମି.ଲି. | = | ______ଲି. ______ମି.ଲି. |

**ଉଦାହରଣ - ୧**

ଦିନେ ରାମ ବେହେରା ଟିକିଲିକୁ ୧ ଲି. ୨୫୦ ମି.ଲି., ଲିପିକୁ ୨ ଲି. ୩୫୦ ମି.ଲି. ଓ ନିଲୁକୁ ୩ଲି. ୧୦୦ ମି.ଲି. କ୍ଷୀର ଦେଲେ । ସେଦିନ ସେ ମୋଟ୍‌ରେ କେତେ କ୍ଷୀର ଦେଲେ ?

**ସମାଧାନ :**

| | | ଲିଟର | ମିଲିଲିଟର |
|---|---|---|---|
| ଟିକିଲିକୁ ଦେଲେ | | ୧ | ୨୫୦ |
| ଲିପି କୁ ଦେଲେ | | ୨ | ୩୫୦ |
| ନିଲୁ କୁ ଦେଲେ | + | ୩ | ୧୦୦ |
| ମୋଟ କ୍ଷୀରର ପରିମାଣ | | ୬ | ୭୦୦ |

∴ ରାମ ବେହେରା ସେଦିନ ମୋଟ୍‌ରେ ୬ ଲି. ୭୦୦ ମି.ଲି. କ୍ଷୀର ଦେଲେ ।

### ଉଦାହରଣ - ୨

ଜଣେ କ୍ଷୀର ବେପାରୀଠାରୁ ଯଦୁ, ମଧୁ ଓ ରାଧୁ କ୍ଷୀର କିଣିବାକୁ ଗଲେ । ମଧୁ ୧ ଲି. ୨୫୦ ମି.ଲି., ଯଦୁ ୧ ଲି. ୭୫୦ ମି.ଲି. ଓ ରାଧୁ ୨ ଲି. ୬୦୦ ମି.ଲି. କ୍ଷୀର କିଣିଲେ । ତେବେ ତିନି ଜଣ ମିଶି କେତେ କ୍ଷୀର କିଣିଲେ ?

**ସମାଧାନ :**

| | | |
|---|---|---|
| ମଧୁ କିଣିଲା | ୧ ଲି. | ୨୫୦ ମି.ଲି. |
| ଯଦୁ କିଣିଲା | + ୧ ଲି. | ୭୫୦ ମି.ଲି. |
| ରାଧୁ କିଣିଲା | + ୨ ଲି. | ୬୦୦ ମି.ଲି. |

ମୋଟ କ୍ଷୀରର ପରିମାଣ = ୧ ଲି. ୨୫୦ମି.ଲି. + ୧ ଲି. ୭୫୦ ମି. ଲି.+ ୨ଲି. ୬୦୦ମି.ଲି.

= ୧ଲି. + ୧ଲି. + ୨ଲି. + ୨୫୦ମି.ଲି. + ୭୫୦ମି.ଲି. + ୬୦୦ମି. ଲି.

= ୪ଲି. + ୧୬୦୦ମି.ଲି.

= ୫ଲି. + ୬୦୦ ମି.ଲି. = ୫ଲି. ୬୦୦ ମି.ଲି.

### ଉଦାହରଣ - ୩

ଜଣେ ଦୋକାନୀ ପାଖରେ ଗୋଟିଏ ଟିଣରେ ୧୬ ଲି. ୨୫୦ ମି.ଲି. କିରୋସିନ୍ ଥିଲା । ସେଥିରୁ ଦୋକାନୀ ୭ ଲି. ୫୦୦ ମି.ଲି. କିରୋସିନ୍ ବିକ୍ରି କରିସାରିବା ପରେ ଟିଣରେ ଆଉ କେତେ କିରୋସିନ୍ ରହିଲା ?

**ସମାଧାନ : -**

| | | | | | |
|---|---|---|---|---|---|
| | ୧୬ ଲି. | ୨୫୦ ମି.ଲି. | | ୧୫ ଲି. | ୧୨୫୦ ମି.ଲି. |
| - | ୭ ଲି. | ୫୦୦ ମି.ଲି. | - | ୭ ଲି. | ୫୦୦ ମି.ଲି. |
| | | | | ____ଲି. | ______ମି.ଲି. |

(ଏଠାରେ ୧୬ ଲି. ରୁ ୧ ଲି. ନେଇ ତାକୁ ୧୦୦୦ ମି.ଲି. କରାଗଲା ଓ ୨୫୦ ମି.ଲି. ସଙ୍ଗେ ମିଶାଇ ସିଧାସଳଖ ୧୨୫୦ ମି.ଲି. କରାଗଲା ଓ ଲିଟର ଘରେ ୧୫ ଲି. ରଖାଗଲା)

**ଜାଣିଛ କି ?**

ତରଳ ପଦାର୍ଥ ମାପିବା ପାଇଁ ବିଭିନ୍ନ ମାପର ପଳା ବ୍ୟବହାର କରାଯାଏ । ୫ମି.ଲି., ୧୦ମି.ଲି., ୨୦ ମି.ଲି., ୫୦ ମି.ଲି., ୧୦୦ ମି.ଲି., ୨୦୦ ମି.ଲି., ୫୦୦ ମି.ଲି. ୧ ଲିଟର ମାପର ପଳା ତୁମେ ଦୋକାନରେ ଦେଖିପାରିବ । ତୁମ ଘର ପାଖରେ ଥିବା ଦୋକାନକୁ ଯାଇ ସେଠାରେ କେଉଁ କେଉଁ ମାପର ପଳା ଅଛି ବୁଝ ।

ପେଟ୍ରୋଲ ଟାଙ୍କିରେ ପେଟ୍ରୋଲକୁ କିପରି ମାପି ଦିଆଯାଏ ଦେଖିଛ କି ?

ପେଟ୍ରୋଲକୁ ଲିଟର ମାପ ପାତ୍ରରେ ମାପକରି ଦିଆଯାଏ ନାହିଁ । ପେଟ୍ରୋଲ ଖୋଲା ରହିଲେ ତାହା ଖୁବ୍ ଶୀଘ୍ର ବାଷ୍ପହୋଇ ଉଡ଼ିଯାଏ । ଏଣୁ ପେଟ୍ରୋଲକୁ ଯନ୍ତ୍ରରେ ମାପିବାର ବ୍ୟବସ୍ଥା ରହିଛି ।

# ଅଭ୍ୟାସ କାର୍ଯ୍ୟ

୧. ଶୂନ୍ୟସ୍ଥାନ ପୂରଣ କର ।

(କ) ୩ ଲିଟର ୪୫୦ ମି.ଲି

\+ ୫ ଲିଟର ୭୫୦ ମି.ଲି

୮ ଲିଟର ☐ ମି.ଲି

= ୮ ଲି. + ୧୦୦୦ ମି.ଲି + ☐ ମି.ଲି.

= ୮ ଲି. + ☐ ଲି. + ☐ ମି.ଲି.

= ☐ ଲି. ☐ ମି.ଲି

(ଖ) ୫ ଲି. ୭୦୦ ମି.ଲି.

\+ ୮ ଲି. ୬୫୦ ମି.ଲି.

☐ ଲି. ☐ ମି.ଲି

= ☐ ଲି. + ☐ ମି.ଲି + ☐ ମି.ଲି

= ☐ ଲି. + ☐ ଲି. + ☐ ମି.ଲି

= ☐ ଲି. + ☐ ମି.ଲି

(ଗ) ୪ ଲି. ୭୦୦ ମି.ଲି.

\+ ୩ ଲି. ୫୦୦ ମି.ଲି.

\+ ୯ ଲି. ୮୦୦ ମି.ଲି.

☐ ଲି. ☐ ମି.ଲି.

= ☐ ଲି. ☐ ମି.ଲି.

(ଘ) ୧୦ ଲି. ୫୫୦ ମି.ଲି.

\+ ୨୦ ଲି. ୭୫୫ ମି.ଲି.

\+ ୨୦ ଲି. ୩୩୦ ମି.ଲି.

☐ ଲି. ☐ ମି.ଲି.

☐ ଲି. ☐ ମି.ଲି.

(ଙ) ୪ ଲି. ୮୫୦ ମି.ଲି. + ୩ ଲି. ୪୫୦ ମି.ଲି.

= ☐ ଲି. + ☐ ମି.ଲି.

= ☐ ଲି. + ☐ ମି.ଲି. ☐ + ମି.ଲି

= ☐ ଲି. + ☐ ଲି. ☐ + ମି.ଲି.

= ☐ ଲି. + ☐ ମି.ଲି.

**୨.** ହିସାବ କରି ଶୂନ୍ୟସ୍ଥାନ ପୂରଣ କର ।

(କ)

| | | | |
|---|---|---|---|
| | ୨୦ ଲିଟର | | ୧୨୦ ମି.ଲି |
| - | ୧୫ ଲିଟର | | ୫୦୦ ମି.ଲି |
| = | ୧୯ ଲି. + | ☐ ଲି. | + ୧୨୦ ମି.ଲି. |
| - | ୧୫ ଲି. + | | ୫୦୦ ମି.ଲି. |
| = | ୧୯ ଲି. | | ☐ ମି.ଲି. |
| - | ୧୫ଲି. | | ୫୦୦ ମି.ଲି. |
| | ☐ ଲି. | | ☐ ମି.ଲି. |

(ଖ)

| | | | |
|---|---|---|---|
| | ୩୪ ଲି. | | ୫୩୫ ମି.ଲି. |
| - | ୧୨ ଲି. | | ୮୫୦ ମି.ଲି. |
| = | ୩୩ ଲି.+ | ☐ ଲି.+ | ☐ ମି.ଲି. |
| - | ୧୨ ଲି. | | ୮୫୦ ମି.ଲି. |
| | ☐ ଲି. | | ☐ ମି.ଲି. |

୩. ହିସାବ କରି ଶୂନ୍ୟ ସ୍ଥାନ ପୂରଣ କର ।

| ଥିଲା | ମିଶିଲା | ମୋଟ୍ ହେଲା |
|---|---|---|
| ୫ ଲି. ୨୫୦ ମି.ଲି. | ୧୦ ଲି. ୫୦୦ ମି.ଲି. | ୧୫ ଲି. ୭୫୦ ମି.ଲି. |
| ୧୨ ଲି. ୫୭୫ ମି.ଲି. | ୩ ଲି. ୧୨୫ ମି.ଲି. | |
| ୧୮ ଲି. ୯୦୦ ମି.ଲି. | | ୨୫ ଲି. ୭୫୦ ମି.ଲି. |
| ୯ ଲି. ୨୭୫ ମି.ଲି. | | ୧୨ ଲି. ୮୦ ମି.ଲି. |
| ୪ ଲି. ୭୩ ମି.ଲି. | ୩ ଲି. ୨୮୦ ମି.ଲି. | |
| ୮ ଲି. ୫ ମି.ଲି. | ୨ ଲି. ୨୭ ମି.ଲି. | |

୪. ଗୋଟିଏ ଟିଣରୁ ଗୀତା ୩ ଲି. ୨୫୦ ମି.ଲି. ଓ ମିତା ୨ ଲି. ୪୦୦ ମି.ଲି. କିରୋସିନ୍ ନେଲେ । ଟିଣରେ ବଳକା ୩ ଲି. ୧୦୦ ମି.ଲି. କିରୋସିନ୍ ରହିଲା । ସେହି ଟିଣରେ କେତେ କିରୋସିନ୍ ଥିଲା ?

୫. ଗୋଟିଏ ଥଣ୍ଡା ପାନୀୟ ବୋତଲରେ ୨ ଲି. ୫୦୦ ମି.ଲି. ପାନୀୟ ଥିଲା । ସୁର ୧ ଲି. ୨୫୦ ମି.ଲି. ଧରୁଥିବା ଏକ ବୋତଲରେ ପୂରା ବୋତଲ ପାନୀୟ କାଢ଼ି ନେଲା । ଥଣ୍ଡା ପାନୀୟ ବୋତଲରେ ଆଉ କେତେ ପାନୀୟ ରହିଲା ?

୬. ଚିତ୍ର ଦେଖି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।



୧୦ଲିଟର ୩୫୦ମି.ଲି.



୧ଲିଟର ୫୦୦ମି.ଲି.



୩ ଲିଟର



୨୫ଲିଟର ୬୫୦ମି.ଲି.



୪ଲିଟର ୭୫୦ମି.ଲି.

(କ) ବାଲ୍‌ଟି ଓ ହାଣ୍ଡିରେ ମୋଟ୍‌ରେ କେତେ ପାଣି ଧରିବ ?

(ଖ) ମଗ୍ ଓ ପ୍ରେସରକୁକର୍‌ରେ ମୋଟ୍‌ରେ କେତେ ପାଣି ଧରିବ ?

(ଗ) ବେସିନ୍ ଓ ହାଣ୍ଡିରେ ମୋଟ୍‌ରେ କେତେ ପାଣି ଧରିବ ?

(ଘ) ବେସିନ୍ ଅପେକ୍ଷା ବାଲ୍‌ଟିରେ କେତେ କମ୍ ପାଣି ଧରିବ ?

(ଙ) ପ୍ରେସରକୁକର୍ ଓ ଜଗ୍‌ରେ ହାଣ୍ଡି ଅପେକ୍ଷା କେତେ କମ୍ ପାଣି ଧରିବ ?

(ଚ) ପ୍ରେସର୍‌କୁକର୍ ଓ ହାଣ୍ଡିରେ ବେସିନ୍ ଅପେକ୍ଷା କେତେ କମ୍ ପାଣି ଧରିବ ?

୫. ଗୋଟିଏ ଡ୍ରମ୍‌ରେ ୩୨ ଲି. ୧୨୦ ମି.ଲି. କ୍ଷୀର ଅଛି । ସେଥିରୁ ରାମ ୮ ଲି. ୭୫୦ ମି.ଲି. ଓ ସୀତା ୧୦ ଲି. ୫୦୦ ମି.ଲି. କ୍ଷୀର ନେଲେ । ତେବେ ଡ୍ରମ୍‌ରେ ଆଉ କେତେ କ୍ଷୀର ବଳକା ରହିଲା ?

୬. ତୁମ ଘରେ ଥିବା ପାଣି ଟାଙ୍କିରେ ୫୦୦ ଲିଟର ପାଣି ଧରେ । ଗୋଟିଏ ଦିନରେ ତୁମ ଘରେ ଗାଧୋଇବା ପାଇଁ ୨୦୦ ଲିଟର, ରୋଷେଇ ଓ ପିଇବା ପାଇଁ ୫୦ଲି. ୫୦୦ ମି.ଲି., ଲୁଗା ସଫା ପାଇଁ ୮୫ ଲିଟର ୭୫୦ ମି.ଲି. ଖର୍ଚ୍ଚ ହେଲା । ତେବେ ଟାଙ୍କିରେ ଆଉ କେତେ ପାଣି ବଳକା ରହିଲା ?

୭. ଗୋଟିଏ ଦୋକାନରେ ସୋରିଷ ତେଲ, ନଡ଼ିଆ ତେଲ ଅପେକ୍ଷା ୪ଲି. ୩୫୦ ମି.ଲି. ଅଧିକ ଅଛି । ଦୋକାନରେ ୨୦ ଲିଟର ୨୦୦ ମି.ଲି. ସୋରିଷ ତେଲ ଅଛି । ତେବେ ଦୋକାନରେ ସୋରିଷ ତେଲ ଓ ନଡ଼ିଆ ତେଲ ମିଶି କେତେ ଅଛି ?